ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୨୧ ଫେବୃୟାରୀ, ୨୦୨୧



## ଭାଜପାରେ ମିଶିଲେ ଅନ୍ୟ ଦଳର ୨୦ କର୍ମୀ

ନାଉଗାଁ,(ସ୍ୱ.ପ୍ର.)-ନାଉଗାଁ ବ୍ଲକ ଅନ୍ତର୍ଗତ ଅଲଣା ମଣ୍ଡଳରେ ଶନିବାର ଅନ୍ୟ ଦଳର ୨୦ ଜଣ କର୍ମୀ ଭାଜପାରେ ସାମିଲ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୮ ବିଜେଡି ଓ ୧୨ କଂଗ୍ରେସ କର୍ମୀ ରହିଛନ୍ତି। ଭାଜପା ଯୁବ ମୋର୍ଚ୍ଚା ସଭାପତି ସୋମନାଥ ରାଉତଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଭାଜପା ଜିଲା ସଭାପତି ସତ୍ୟବ୍ରତ ମହାପାତ୍ର ଉପସ୍ଥିତ ରହି ନୂତନ କର୍ମୀଙ୍କୁ ପୁଷ୍ପ ଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ।

## ଆଜି କ'ଣ କେଉଁଠି

**କେନ୍ଦ୍ରାପଡ଼ା**

- ଶ୍ରୀ ବିଷ୍ଣୁ ମହାଯଜ୍ଞ, ସ୍ଥାନ- ଶିବାନନ୍ଦ ଆଶ୍ରମ, ଗରାପୁର, ସମୟ- ପୂର୍ବାହ୍ନ ୭ଟା
- କେନ୍ଦ୍ରାପଡ଼ା ସାହିତ୍ୟ ଉତ୍ସବ, ସ୍ଥାନ- ସୌଭାଗ୍ୟ ମଣ୍ଡପ, ଗରାପୁର, ସମୟ- ପୂର୍ବାହ୍ନ ୧୦ଟା
- ବିଶ୍ୱ ମାତୃଭାଷା ଦିବସ ପାଳନ, ସ୍ଥାନ- ପ୍ରେସ କ୍ଲବ, କୋର୍ଟ ଛକ, ସମୟ- ପୂର୍ବାହ୍ନ ୧୦ଟା
- ସ୍ୱାମୀ ବିବେକାନନ୍ଦ କ୍ଲବ ପକ୍ଷରୁ କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବ, ସ୍ଥାନ- ହରିଆବାଙ୍କ, ମହାକାଳପଡା, ସମୟ- ପୂର୍ବାହ୍ନ ୯ଟା
- କଳିଙ୍ଗ ଚ୍ୟାଲେଞ୍ଜ ଟ୍ରଫିର ଉଦ୍‌ଯାପନୀ ଉତ୍ସବ, ସ୍ଥାନ- ଜୟଚନ୍ଦ୍ରପୁର, ମହାକାଳପଡା, ସମୟ- ପୂର୍ବାହ୍ନ ୧୦ଟା

**ନୟାଗଡ଼**

- ଆନ୍ତଃ ରାଷ୍ଟ୍ରୀୟ ମାତୃଭାଷା ଦିବସରେ ଆଲୋଚନାଚକ୍ର, ସ୍ଥାନ- ଇନ୍‌ସ୍ୱାୟାର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରେକ୍ଷାଳୟ, ସମୟ-ଅପରାହ୍ନ ସାଢ଼େ ୪ଟା ।

**ତିର୍ତ୍ତୋଲ**

- ଶ୍ରୀମାଙ୍କ ଜନ୍ମୋତ୍ସବ, ପୂର୍ବାହ୍ନ ୧୧ଟା, ଅରୋମୀରା ଦିବ୍ୟଜ୍ୟୋତି ଆଶ୍ରମ, ମହାନଦୀ ପଠା, ତିର୍ତ୍ତୋଲ ବ୍ଲକ, ଜଗତ୍‌ସିଂହପୁର।

# ଅଟକିଛି ବୃତ୍ତଙ୍ଗ ଜଳ ଯୋଜନା କାମ

- ଜଙ୍ଗଲ ବିଭାଗ ଅନୁମତିକୁ ୧୦ବର୍ଷ ବିତିଲା
- ଭରସା ଦେଇପାରିଲା ନାହିଁ ଥଇଥାନ ଓ ପୁନର୍ବସତି ପ୍ୟାକେଜ
- କୁଆଁରିଆ ବିସ୍ଥାପିତଙ୍କୁ ଥଇଥାନ କରା ନ ଯିବା ସୃଷ୍ଟି କରିଛି ଭୟ

**ନୟାଗଡ଼ ଅଫିସ,୨୦।୨**

ପ୍ରଥମ ପର୍ଯ୍ୟାୟ ଜଙ୍ଗଲ ଅନୁମତି ଓ ଏଥିନେଇ ଲାଗି ରହିଥିବା ଆଶଙ୍କା ଦୂର ହେବା ପରେ ବି ୧୦ ବର୍ଷ ହେଲା ବୃତ୍ତଙ୍ଗ ଜଳ ଯୋଜନା କାମ ଅଟକି ରହିଛି । ବୁଢ଼ି ଅଞ୍ଚଳର ବିସ୍ଥାପିତମାନଙ୍କ ବାରମ୍ବାର ପ୍ରକଳ୍ପ ବିରୋଧୀ ଆନ୍ଦୋଳନ ଏହି ଯୋଜନାକୁ ଶୀତଳଭଣ୍ଡାରକୁ ଠେଲି ଦେଇଥିବା ଆରଟିଆଇରେ ମିଳିଥିବା ତଥ୍ୟରୁ ଜଣାପଡ଼ିଛି । ଅନ୍ୟପକ୍ଷେ କୁଆଁରିଆ ନଦୀବନ୍ଧ ଯୋଜନାର ବିସ୍ଥାପିତମାନେ ଥଇଥାନ ନ ହେବା କାରଣରୁ ବୃତ୍ତଙ୍ଗର ଥଇଥାନ ଓ ପୁନର୍ବସତି ପ୍ୟାକେଜ ଧୂଆଁବାଣ ବୋଲି ପ୍ରଚାର ହୋଇଛି । ଏଭଳି ସ୍ଥିତିରେ ବିପକ୍ଷବାଦୀ ଓ ସପକ୍ଷବାଦୀଙ୍କ ଆନ୍ଦୋଳନରେ ବୃତ୍ତଙ୍ଗ ପ୍ରକଳ୍ପର ଭାଗ୍ୟ ଝୁଲି ରହିଛି।

ଖୋର୍ଦ୍ଧା-ବଲାଙ୍ଗୀର ୫୭ ନଂ. ଜାତୀୟ ରାଜପଥର ଦଶପଲ୍ଲା ବ୍ଲକ୍ ଟାକରାଠାରୁ ୧୦ କିମି ଦୂର ଦୁର୍ଗମ ପାର୍ବତ୍ୟାଞ୍ଚଳରେ ରହିଛି ମଞ୍ଜରୀ ଅଞ୍ଚଳ । ସେଠାରେ ମାଇ ପାହାଡ ଓ ଡାବଲଦେଇ ପାହାଡ ମଧ୍ୟରେ ବନ୍ଧ ପକାଯାଇ ମହାନଦୀର ଅନ୍ୟତମ ଶାଖା ନଦୀ ବୃତ୍ତଙ୍ଗରେ ଏକ ଜଳ ଯୋଜନା ପ୍ରକଳ୍ପ କରିବା ପାଇଁ ୩୮ ବର୍ଷ ହେବ ଦାବି ହୋଇ ଆସିଛି । ୧୯୭୮ରେ ଏହି ଯୋଜନା ପାଇଁ ସର୍ଭେ ଲାଗି ଦଶପଲ୍ଲାରେ ଏକ କାର୍ଯ୍ୟାଳୟ ଖୋଲା ଯାଇଥିଲା । ସେହି ସର୍ବେକ୍ଷଣ ରିପୋର୍ଟରେ ନୟାଗଡ ଜିଲାର ସମସ୍ତ ଅଞ୍ଚଳ ସହ ପଡୋଶୀ ଜିଲା ଖୋର୍ଦ୍ଧାର ବୋଲଗଡ, ବେଗୁନିଆ, ଜଙ୍କିଆ ଅଞ୍ଚଳରେ ଜଳସେଚନର ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ଲାଗି ସମନ୍ୱିତ ବୃତ୍ତଙ୍ଗ ଜଳ ଯୋଜନା ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରାଯାଇଥିଲା । କିଛି ଦିନର ନୀରବତା ପରେ ୧୯୯୦ରେ ଏହି ପ୍ରକଳ୍ପ ପାଇଁ ତତ୍ପରତା ପ୍ରକାଶ ପାଇଥିଲା । ଉଭୟ ପୁରୀ ଓ କଟକ ଜଳସମ୍ପଦ ବିଭାଗ ପକ୍ଷରୁ ପୁନଃ ସର୍ଭେ କରାଯାଇଥିଲା ।

ପରିମାର୍ଜିତ ସର୍ଭେ ଅନୁଯାୟୀ ବୃତ୍ତଙ୍ଗ ମଧ୍ୟମ ଜଳ ଯୋଜନା ପ୍ରକଳ୍ପ ଦ୍ୱାରା ନୟାଗଡ ଜିଲାର ୫ ବ୍ଲକ୍ ଅଞ୍ଚଳର ୨୩ ହଜାର ୩୦୦ ହେକ୍ଟର ପରିମିତ ଚାଷଜମିରେ ଜଳସେଚନ ଉପଲବ୍ଧ କରାଯିବା ଲାଗି ଆକଳନ କରାଯାଇଥିଲା। ବିଜେଡି ସରକାର କ୍ଷମତାକୁ ଆସିବା ପରେ ଉଭୟ ରାଜନୈତିକ ଓ ପ୍ରଶାସନିକସ୍ତରରେ ଏ ନେଇ ତତ୍ପରତା ପ୍ରକାଶ ପାଇଥିଲା। ୨୦୦୦ ଡିସେମ୍ବର ୧୮ରେ ଏହି ପ୍ରକଳ୍ପ ପାଇଁ କେନ୍ଦ୍ରୀୟ ଜଳ କମିଶନର ବୈଷୟିକ-ଆର୍ଥିକ ସମୀକ୍ଷା କମିଟି ମଞ୍ଜୁରୀ ଦେଇଥିଲା । ୨୦୦୪ ଅଗଷ୍ଟ ୧୭ରେ କେନ୍ଦ୍ରୀୟ ଜଙ୍ଗଲ ଓ ପର୍ଯ୍ୟାବରଣ ମନ୍ତ୍ରଣାଳୟ ପକ୍ଷରୁ ବାଘ ହାତୀ ପ୍ରକଳ୍ପ ଆଳରେ ଉକ୍ତ ପ୍ରକଳ୍ପର ପ୍ରସ୍ତାବକୁ ଖାରଜ କରିଦିଆଯାଇଥିଲା। ୭ ବାଘ ଓ ୨୫ ହାତୀଙ୍କ ଚଳାଚଳ ବ୍ୟାଘାତ ଆଶଙ୍କା ଦର୍ଶାଯାଇଥିଲା । ଖୋଦ୍ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଥିରେ ହସ୍ତକ୍ଷେପ କରିବା ପରେ ଉକ୍ତ ପ୍ରକଳ୍ପ ଖୁବ୍ ଶୀଘ୍ର କାର୍ଯ୍ୟକାରୀ ହେବ ବୋଲି ଆଶା ସଞ୍ଚାର ହୋଇଥିଲା' ଶେଷରେ ବିଭିନ୍ନ ବିଭାଗ ପକ୍ଷରୁ ଏଥିପାଇଁ କ୍ଲିୟରାନ୍ସ ମିଳିଥିଲେ ମଧ୍ୟ ଏହି ଯୋଜନା କାର୍ଯ୍ୟକାରୀ ହୋଇପାରି ନ ଥିଲା । ପରେ ରାଜ୍ୟ ସରକାର ୨୦୦୫ ମାର୍ଚ୍ଚ ୧୮ ରେ ଏନେଇ ଏକ ପ୍ରସ୍ତାବ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟକୁ ଜଙ୍ଗଲ ଅନୁମତି ପାଇଁ ପଠାଇଥିଲେ । ଏଥିରେ ୧୫୨୪.୧୭ ହେକ୍ଟର ଜଙ୍ଗଲ ଜମିକୁ ବ୍ୟବହାର କରିବା ପାଇଁ ଅନୁମତି ଲୋଡାଯାଇଥିଲା। ୨୦୧୦ ଅଗଷ୍ଟ ଶେଷ ସପ୍ତାହରେ ବୃତ୍ତଙ୍ଗ ଜଳଯୋଜନାକୁ ପ୍ରଥମ ପର୍ଯ୍ୟାୟ ଜଙ୍ଗଲ ଅନୁମତି ମିଳିଥିଲା । ଉକ୍ତ ପ୍ରକଳ୍ପ ଦ୍ୱାରା ଜିଲାର ଦଶପଲ୍ଲା, ଖଣ୍ଡପଡା, ଓଡ଼ଗାଁ ଓ ନୟାଗଡ ବ୍ଲକର ୫୪,୪୪୦ ହେକ୍ଟର ଜମି ଜଳସେଚିତ ହେବ ବୋଲି ଲକ୍ଷ୍ୟ ରଖାଯାଇଥିଲା । ୫୫୨ମିଟର ଦୈର୍ଘ୍ୟର ଜଳଭଣ୍ଡାର ନିର୍ମାଣ ଲାଗି ପ୍ରସ୍ତାବ ରହିଥିଲା। ଜଳଭଣ୍ଡାରରେ ସମ୍ପୂର୍ଣ୍ଣ ପାଣି ରହିଲେ ୨୦୧୦ହେକ୍ଟର ଜମି, ୪୧ ଗ୍ରାମ ଜଳମଗ୍ନ ହେବ ବୋଲି ଜଣାପଡିଥିଲା ।

ବିସ୍ଥାପିତ ହେବାକୁ ଥିବା ପରିବାର ପାଇଁ ଓଡ଼ିଶା ସରକାର ସେ ସମୟରେ ଏକ ଥଇଥାନ ଓ ପୁନର୍ବସତି ଯୋଜନା କେନ୍ଦ୍ର ସରକାରଙ୍କ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟର ସର୍ତ୍ତାବଳୀ ଅନୁଯାୟୀ ପ୍ରସ୍ତୁତ କରିଥିଲେ। ଏଥିପାଇଁ ୪୯ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଆକଳନ ହୋଇଥିଲା। ହେଲେ ସେ ସମୟରେ ବୁଡି ଅଞ୍ଚଳର ଲୋକମାନେ ବୃତ୍ତଙ୍ଗକୁ ବିରୋଧ କରି ଆନ୍ଦୋଳନକୁ ଓହ୍ଲାଇଥିଲେ। ବୃତ୍ତଙ୍ଗ ବିରୋଧୀ ଆନ୍ଦୋଳନ ଥମି ଥିବାବେଳେ ଏବେ ସପକ୍ଷବାଦୀଙ୍କ ଆନ୍ଦୋଳନ ବଢ଼ି ଚାଲିଛି। ଫଳରେ ଉକ୍ତ ପ୍ରକଳ୍ପ କାମ ବନ୍ଦ ରହିଛି ବୋଲି ଆରଟିଆଇ ରିପୋର୍ଟରେ ଦର୍ଶାଯାଇଛି ।

## ବାଇକ୍ ଡିକିରୁ ୭୦ ହଜାର ଟଙ୍କା ଚୋରି

**ନୟାଗଡ ଅଫିସ,୨୦।୨**

ନୟାଗଡ ଜିଲା ଶରଣକୁଳ ବଜାରରେ ଡିକି ନ ଭାଙ୍ଗି ବାଇକରୁ ୭୦ ହଜାର ଟଙ୍କା ଓ ସ୍କୁଲ ରିଜୋଲେଶନ ଖାତା ଚୋରି ହୋଇଛି । ଏନେଇ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ.୨୪/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଛି । ପ୍ରାପ୍ତ ସୂଚନା ଅନୁସାରେ ପଞ୍ଚରିଡା ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ଶରଣକୁଳର ଏକ ବ୍ୟାଙ୍କରୁ ଶନିବାର ଅପରାହ୍ନରେ ୭୦ ହଜାର ସ୍କୁଲ ଟଙ୍କା ଉଠାଇଲେ । ବାଇକ ଡିକିରେ ରିଜୋଲେଶନ ଖାତା ସହ ୭୦ ହଜାର ଟଙ୍କା ରଖିଲେ । ସ୍ଥାନୀୟ ବଜାରର ଏକ ଦୋକାନ ସମ୍ମୁଖରେ ବାଇକ ରଖି ସେ ଜଳଖିଆ ଖାଇଲେ। ହେଲେ ଜଳଖିଆ ଖାଇ ସାରିବା ପରେ ଡିକିରେ ଟଙ୍କା ଓ ରିଜୋଲେଶନ ଖାତା ନ ଥିଲା । ଡିକି ନ ଭାଙ୍ଗି କିପରି ଚୋରି ହେଲା ସେହି ଘଟଣାକୁ ନେଇ ଏଠାରେ ଚର୍ଚ୍ଚା ଜୋର ଧରିଛି ।

## ସଂକ୍ଷେପରେ

### ଆହତ ଗରୁଡ଼ ପକ୍ଷୀ ଶାବକ ଉଦ୍ଧାର



**କେନ୍ଦ୍ରାପଡ଼ା ଅଫିସ,୨୦।୨:** କେନ୍ଦ୍ରାପଡ଼ା ସହରର ବଡ଼ବାରଙ୍ଗସ୍ଥିତ ଏକ ବଗିଚାରୁ ଆହତ ଗରୁଡ଼ ପକ୍ଷୀ ଶାବକ ଉଦ୍ଧାର ହୋଇଛି । ଏହି ପକ୍ଷୀ ଶାବକକୁ ଚିକିତ୍ସା ପରେ କେନ୍ଦ୍ରାପଡ଼ା ବନ ବିଭାଗକୁ ହସ୍ତାନ୍ତର କରାଯାଇଛି । ଶ୍ରୀବଳଦେବଜୀଉଙ୍କ ପାଇଁ ଫୁଲ ତୋଳିବାକୁ ସ୍ଥାନୀୟ ଜଣେ ଯୁବତୀ ସସ୍ମିତା ନାୟକ ବଗିଚାକୁ ସକାଳେ ଯାଇଥିଲେ। ସେଠାରେ ପକ୍ଷୀଟି ଆହତ ଅବସ୍ଥାରେ ଥିବା ଦେଖି ଉଦ୍ଧାର କରି ଚିକିତ୍ସା ବ୍ୟବସ୍ଥା କରିଥିଲେ । ପରେ ସେ ପକ୍ଷୀଟିକୁ ବନ ବିଭାଗକୁ ହସ୍ତାନ୍ତର କରିଥିଲେ ।

### ପୋଖରୀରେ ବୁଡାଇ ମହିଳାଙ୍କୁ ହତ୍ୟା ଅଭିଯୋଗ

**ରାଜକନିକା,୨୦।୨(ଡି.ଏନ.ଏ.):** ରାଜକନିକା ବ୍ଲକ ଅଧୀନ ପ୍ରଧାନପଡା ପଞ୍ଚାୟତ ସାନହଳପଡା ଗ୍ରାମର ପଣ୍ଡୁଆ ପଲେଇଙ୍କ ସ୍ତ୍ରୀ ଶଶିକଳା ପଲେଇଙ୍କୁ ପୋଖରୀରେ ବୁଡାଇ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି । ତାଙ୍କୁ ପୋଖରୀରୁ ଉଦ୍ଧାର ପରେ ଗୁରୁତର ଅବସ୍ଥାରେ ମଙ୍ଗଳପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତେବେ ଶଶୀକଳାଙ୍କ ମୃତ୍ୟୁ ହତ୍ୟା ନା ଆତ୍ମହତ୍ୟା ତାହା ସନ୍ଦେହ ଘେରରେ ରହିଛି ।

### ୨୩ରୁ ନୀଳମାଧବଙ୍କ ମାଘମେଳା

**ଖଣ୍ଡପଡା,୨୦।୨(ସ୍ୱ.ପ୍ର.):** କଣ୍ଟିଲୋ ନୀଳମାଧବଙ୍କ ଭୈମୀ ଏକାଦଶୀ ବା ମାଘମେଳା ଆସନ୍ତା ୨୩ରୁ ଆରମ୍ଭ ହେବ । ଶ୍ରୀଜୀଉଙ୍କ ଦର୍ଶନ ନିମନ୍ତେ ପ୍ରତିବର୍ଷ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥାଏ। ଖଣ୍ଡପଡା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ତହସିଲଦାର ପାର୍ଥସାରଥି ହାଁସଦାଙ୍କ ଆବାହକତ୍ୱରେ ଶନିବାର ସ୍ଥାନୀୟ କଂସା ପିତଳ ବ୍ୟାଖ୍ୟାନକେନ୍ଦ୍ରଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। କରୋନା କଟକଣାକୁ ଦୃଷ୍ଟିରେ ରଖି ମେଳା ପଡିଆରେ ଦୋକାନ ବଜାର ଖୋଲିବ। ଜନସାଧାରଣ ଦୂରତା ବଜାୟ ରଖିବା ସହିତ ମାସ୍କ ପରିଧାନ କରିବେ । ହାତକୁ ବିଶୋଧନ କରିବା ଦିଗରେ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନଗୁଡିକ ସଚେତନ ରହିବାକୁ ପରାମର୍ଶ ଦିଆଯାଇଥିଲା ।

### ନାବାଳିକାଙ୍କୁ ଅସଦାଚରଣ, ଅଭିଯୁକ୍ତ ଗିରଫ

**ପଟ୍ଟାମୁଣ୍ଡାଇ,୨୦।୨(ଡି.ଏନ.ଏ.):** ପଟ୍ଟାମୁଣ୍ଡାଇ ଥାନା ଅଧୀନ ପ୍ରହରାଜପୁର ଗ୍ରାମର ଜଣେ ନାବାଳିକା(୧୩)ଙ୍କୁ ନବୀନ ସିଂହ(୫୫) ନାମକ ଜଣେ ବ୍ୟକ୍ତି ଶୁକ୍ରବାର ଅସଦାଚରଣ କରିଥିବା ଅଭିଯୋଗ ହୋଇଛି । ପଟ୍ଟାମୁଣ୍ଡାଇ ପୋଲିସ ସେଦିନ ରାତିରେ ତାଙ୍କୁ ଗିରଫ କରିଥିଲା । ଏନେଇ ଏକ ମାମଲା (ନଂ. ୧୧୬/୨୧) ରୁଜୁ ହୋଇଛି। ଶନିବାର ତାଙ୍କୁ କେନ୍ଦ୍ରାପଡା ପୋକ୍ସୋ କୋର୍ଟକୁ ଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠା ଦିଆଯାଇଛି ।

## ହାଇକୋର୍ଟଙ୍କ ସ୍କୁଲ ଫି' ଛାଡ଼ ନିର୍ଦ୍ଦେଶକୁ ଅଣଦେଖା

**ଘରୋଇ ଶିକ୍ଷାନୁଷ୍ଠାନ ଉପରେ ଅଙ୍କୁଶ ନାହିଁ**

**ନୟାଗଡ ଅଫିସ,୨୦।୨**

ହାଇକୋର୍ଟଙ୍କ ସ୍କୁଲ ଫି'ଛାଡ ନିର୍ଦ୍ଦେଶ ଘରୋଇ ଶିକ୍ଷାନୁଷ୍ଠାନ ମାନୁ ନ ଥିବା ବେଳେ ପ୍ରଶାସନିକସ୍ତରରେ ଅଙ୍କୁଶ ନ ଥିବା ଅଭିଯୋଗ ଉଠିଛି। ତୁରନ୍ତ ଦାଖଲ ହୋଇଥିବା ସ୍କୁଲ ଫି' ଫେରାଇବାକୁ ଓଡିଶା ଅଭିଭାବକ ମହାସଂଘର ନୟାଗଡ଼ ଶାଖା ପକ୍ଷରୁ ଦାବି କରାଯାଇଛି।

ଅଭିଯୋଗ ଅନୁସାରେ ରାଜ୍ୟ ଗଣଶିକ୍ଷା ବିଭାଗ ପକ୍ଷରୁ ଆଦେଶ ନଂ.୧୩୩୭ ଜାନୁୟାରୀ ୧୯, ୨୦୨୧ରେ ତୁରନ୍ତ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟର ସମସ୍ତ ଶିକ୍ଷା ପ୍ରଶାସନ ଓ ଜିଲା ପ୍ରଶାସନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ପରବର୍ତ୍ତୀ ସମୟରେ ଜିଲା ଅଭିଭାବକ ମହାସଂଘର ଦାବି ମୁତାବକ ନୟାଗଡ଼ ଜିଲା ଶିକ୍ଷାଧିକାରୀ ଅକ୍ରୁର ବାରିକ ଚିଠି ନଂ.୭୨୨ ତା୧୧।୨।୨୧ରିଖରେ ଜିଲାରେ କାର୍ଯ୍ୟ କରୁଥିବା ମଞ୍ଜୁରିପ୍ରାପ୍ତ ଘରୋଇ ଶିକ୍ଷାନୁଷ୍ଠାନଙ୍କୁ ତୁରନ୍ତ ହାଇକୋର୍ଟଙ୍କ ନିର୍ଦ୍ଦେଶ ପାଳନ ପାଇଁ ଅନୁରୂପ ନିର୍ଦ୍ଦେଶ ଦେଇଥିଲେ । ଏପରି କି ସମସ୍ତ ବ୍ଲକ୍ ଶିକ୍ଷାଧିକାରୀମାନଙ୍କୁ ମଧ୍ୟ ଏ ନେଇ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ଇତିମଧ୍ୟରେ ଜିଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶକୁ ଏକ ସପ୍ତାହରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ କୌଣସି ଘରୋଇ ଶିକ୍ଷାନୁଷ୍ଠାନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ଅଭିଭାବକ ମହାସଂଘ ଅଭିଯୋଗ କରିଛି। ଏନେଇ ନୟାଗଡ଼ ଶାଖା ପକ୍ଷରୁ ଜିଲା ସଂଯୋଜକ ଗୌରୀଶଙ୍କର ଦାସ, ସଭାପତି ପ୍ରଶାନ୍ତ କୁମାର ଦାସ, ଉପସଭାପତି ନିରଞ୍ଜନ ବିଶ୍ୱାଳ, ସମ୍ପାଦକ ଲକ୍ଷ୍ମୀଧର ସାହୁ, ଉପଦେଷ୍ଟା ରାଜେନ୍ଦ୍ର ପାଣିଗ୍ରାହୀ, ପ୍ରଶାନ୍ତ ପଟ୍ଟନାୟକ ପ୍ରମୁଖ ଆଦାୟ କରାଯାଇଥିବା ସ୍କୁଲ ଫି' ଫେରସ୍ତ ପାଇଁ ଦାବି କରିଛନ୍ତି।

## ଗୋଟିଏ ରାତିରେ ୧୫ ଘରୁ ଚୋରି

**ରଘୁନାଥପୁର, ୨୦।୨(ଡି.ଏନ୍.ଏ.)**

ରଘୁନାଥପୁର ଥାନା ଅନ୍ତର୍ଗତ ରାଢ଼ଙ୍ଗ ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ୧୫ ଜଣ ବ୍ୟକ୍ତିଙ୍କ ଘରୁ ଚୋରି ହୋଇଛି। ଏନେଇ ଶନିବାର ସୁକାନ୍ତ କୁମାର ପାଳ, ଘନ ସେଠୀ, ସୁନୀଲ ସ୍ୱାଇଁ, କଣ୍ଟୁରୀ ନାୟକ, ଗେଣ୍ଡୁ ପାଳ ଓ ତପନ ପାଳଙ୍କ ସମେତ ଅନ୍ୟମାନେ ଥାନାରେ ଅଭିଯୋଗ କରିଛନ୍ତି। ଚୋରମାନେ ଘରର ଛୋଟମୋଟ ସାମଗ୍ରୀ ଚୋରି କରି ନେଇଛନ୍ତି ବୋଲି ସେମାନେ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଏନେଇ ଗ୍ରାମବାସୀ ଭୟଭୀତ ହୋଇ ଯାଇଛନ୍ତି। ଚୋର ଉପଦ୍ରବ ରୋକିବା ପାଇଁ ଗ୍ରାମରେ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରାଯିବ ବୋଲି ଆଇଆଇସି ଦେବେନ୍ଦ୍ର ମହାପାତ୍ର କହିଛନ୍ତି।

## ସାଧାରଣ ସମ୍ପାଦକଙ୍କ ବିୟୋଗରେ ବଡ଼ବଜାର ବନ୍ଦ

**ଜଗତ୍‌ସିଂହପୁର ଅଫିସ, ୨୦।୨**

ଜଗତ୍‌ସିଂହପୁର ବଡ଼ବଜାର (ଖ) ବଜାର କମିଟି ସାଧାରଣ ସମ୍ପାଦକ ସ୍ମୃତିରଞ୍ଜନ ଦାସଙ୍କ ବିୟୋଗରେ ଶନିବାର ବଜାରର ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିଥିଲା। ଏହି ଅବସରରେ କମିଟି ସଭାପତି ପ୍ରଦୀପ୍ତ କୁମାର ସାହୁଙ୍କ ପୌରୋହିତ୍ୟରେ ଏକ ଶୋକସଭା ଆୟୋଜନ କରାଯାଇଥିଲା। ଏଥିରେ ଗୁରୁଦତ୍ତ ବିଶ୍ୱାଳ, ରମାକାନ୍ତ ସାହୁ, ପ୍ରଭାକର ସାହୁ, ବୈରାଗୀ ଓଝା, ଦୀନବନ୍ଧୁ ସାହୁ, ପରମାନନ୍ଦ ମାଣିଆ, ବିଜୟ ଓଝା, ରବି ନାରାୟଣ ସାହୁ, ପ୍ରଫୁଲ୍ଲ ମହାରଣା ଓ ବସନ୍ତ ସାହୁ ପ୍ରମୁଖ ଯୋଗଦେଇ ଦୁଃଖ ପ୍ରକାଶ କରିଥିଲେ।

## ବିଦ୍ୟାଳୟରେ ତାଲା ପକାଇଲେ ଗ୍ରାମବାସୀ



ମଜୁରାଇ ପ୍ରାଥମିକ ବିଦ୍ୟାଳୟରେ ଗ୍ରାମବାସୀ ତାଲା ପକାଇ ପ୍ରତିବାଦ କରୁଛନ୍ତି

**ରଘୁନାଥପୁର,୨୦।୨(ଡି.ଏନ୍.ଏ.)**

ରଘୁନାଥପୁର ବ୍ଲକ ରେଢୁଆ ପଞ୍ଚାୟତ ମଜୁରାଇସ୍ଥିତ ପ୍ରାଥମିକ ବିଦ୍ୟାଳୟକୁ ସ୍ଥାନୀୟ ବାରତିରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମିଶାଇବା ପାଇଁ ଚୂଡ଼ାନ୍ତ କାର୍ଯ୍ୟ ଶେଷ ହୋଇଛି। ଏହି ମିଶ୍ରଣକୁ ବିରୋଧରେ ମଜୁରାଇ ବିଦ୍ୟାଳୟରେ ଶନିବାର ତାଲା ପକାଇ ଗ୍ରାମବାସୀ ପ୍ରତିବାଦ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ୬୦ ବର୍ଷ ଧରି ଚାଲିଥିବା ଏହି ଶିକ୍ଷାନୁଷ୍ଠାନରେ ୯୦ ପ୍ରତିଶତ ଦଳିତ ଓ ଗରିବ ଶ୍ରେଣୀର ପିଲା ପାଠ ପଢ଼ିଥାନ୍ତି। ଏହାଛଡା ବାରତିରା ସ୍କୁଲକୁ ଯିବା ବାଟରେ ବଡବଡ ପୋଖରୀ ଏବଂ ରାସ୍ତା ପାର ହୋଇ ଯିବାକୁ ପଡୁଥିବାରୁ ଛୋଟ ପିଲାଙ୍କ ଜୀବନ ପ୍ରତି ବିପଦ ଆଶଙ୍କା ରହିଛି। ପୂର୍ବରୁ ବ୍ଲକ ଓ ଜିଲା ଶିକ୍ଷା ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ ହୋଇଛି। ଏହାସତ୍ତ୍ୱେ କୌଣସି ପଦକ୍ଷେପ ନିଆ ନ ଯାଇଥିବାରୁ ମଜୁରାଇ ବିଦ୍ୟାଳୟରେ ତାଲା ପକାଯାଇଛି ବୋଲି ଗ୍ରାମବାସୀ କହିଛନ୍ତି। ଶିକ୍ଷାବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମର ତନୁଜା ସେଠୀ, ଲାବଣ୍ୟମୟୀ ସେଠୀ, ପ୍ରଦୀପ ମଳିକ ଓ ଶିବପ୍ରସାଦ ସେଠୀ ପ୍ରମୁଖ ଦାବି କରିଛନ୍ତି।

## ଯୁବକଙ୍କ ମୃତଦେହ ଜବତ, ହତ୍ୟା ସନ୍ଦେହ

**ନୟାଗଡ ଅଫିସ,୨୦।୨**

ନୟାଗଡ ସଦର ଥାନା ଖୁଣ୍ଟୁବନ୍ଧ ପଞ୍ଚାୟତ ଗୁପ୍ତପଲ୍ଲୀ ଗାଁ ନିକଟ ଏକ ଜମିରେ ଥିବା ବରକୋଳି ଗଛରୁ ଝୁଲନ୍ତା ଅବସ୍ଥାରେ ଜଣେ ଯୁବକଙ୍କ ମୃତଦେହ ଶନିବାର ଜବତ ହୋଇଛି । ମୃତକ ହେଲେ ଅନିଲ ମାଲ(୩୦) । ତାଙ୍କ ଘର ପଶ୍ଚିମବଙ୍ଗର ପଶ୍ଚିମମେଦିନପୁର । ସେ ଟ୍ରକର ହେଲପର ଭାବେ କାମ କରନ୍ତି । ଅନିଲ ନିଜ ଗାମୁଛାରେ ଆତ୍ମହତ୍ୟା କରିଥିବା କୁହାଯାଉଥିଲେ ହେଁ ପାରିପାର୍ଶ୍ୱିକ ସ୍ଥିତିକୁ ଅନୁଧ୍ୟାନ କଲେ କେହି ତାଙ୍କୁ ସୁପରିକଳ୍ପିତ ଭାବେ ହତ୍ୟା କରି ଆତ୍ମହତ୍ୟାର ରୂପ ଦେବାକୁ ଚେଷ୍ଟା କରିଥିବା ଜଣାପଡିଛି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୨/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଛି । ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଯାଇଛି।

ସୂଚନା ଅନୁଯାୟୀ, ଅନିଲ ପଶ୍ଚିମମେଦିନପୁରରୁ ଟ୍ରକରେ ଆସି ନୟାଗଡର ଏକ ଗୋଦାମରେ ଆଳୁ ଅନ୍‌ଲୋଡ କରିଥିଲେ । ଗୁରୁବାର ରାତିରେ ସେ ଡ୍ରାଇଭରଙ୍କ ସହ ଆଳୁ ଗୋଦାମ ନିକଟରେ ବିଶ୍ରାମ ନେଇଥିଲେ। ରାତି ତମାମ ସେ ବାଉଳା ଚାଉଳା ହୋଇ ମୋତେ କିଏ ମାରି ଦେଉଛି ବୋଲି କହୁଥିଲେ । ସକାଳ ହେଲା ପରେ ସେ ଅଧିକ ବାଉଳି ହୋଇ କେଉଁଆଡେ ଚାଲିଯାଇଥିଲେ। ଡ୍ରାଇଭର ଓ ଆଳୁ ଗୋଦାମ କର୍ମଚାରୀମାନେ ତାଙ୍କୁ ଖୋଜାଖୋଜି କରିଥିଲେ ମଧ୍ୟ ଟେର ପାଇ ନ ଥିଲେ । ଏନେଇ ଟାଉନ ଥାନାରେ ଟ୍ରକ ଡ୍ରାଇଭର ଅଭିଯୋଗ କରିଥିଲେ। ଶନିବାର ତାଙ୍କ ଝୁଲନ୍ତା ମୃତଦେହ ମିଳିଥିଲା । ଖୋର୍ଦ୍ଧାରୁ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ଆସି ଅନୁଧ୍ୟାନ କରିଥିଲେ। ଟାଉନ ଥାନାରେ ଦିଆଯାଇଥିବା ଫଟୋ ଓ ଡ୍ରାଇଭରଙ୍କ ଚିହ୍ନଟ ପରେ ମୃତଦେହ ଅନିଲଙ୍କର ବୋଲି ଜଣାପଡିଛି ।

## ଉପକୃତ ହେବେ ୨ ଆଦିବାସୀ ଗାଁ



ରତାଦେଇପୁର ରାସ୍ତା ପାଇଁ ମାପ କରାଯାଉଛି ।

**ନୟାଗଡ ଅଫିସ,୨୦।୨**

ନୟାଗଡ ଜିଲା ନୂଆଗାଁ ବ୍ଲକ କାପ୍ତାପଲ୍ଲୀ ବାହାଡାଖୋଲା ରାସ୍ତାର କାପ୍ତାପଲ୍ଲୀ ପିଡକୁ ରୋଡଠାରୁ ପର୍ଯ୍ୟଟନ ପୀଠ ରତାଦେଇକୁ ରାସ୍ତା ହେବା ପାଇଁ ସର୍ଭେ ଶନିବାର ଆରମ୍ଭ ହୋଇଛି । ଶନିବାର ମହିପୁର ରେଞ୍ଜର ଶୁଭ୍ରାଂଶୁ ପଣ୍ଡା, ନୂଆଗାଁ ବ୍ଲକ୍ କନିଷ୍ଠଯନ୍ତ୍ରୀ ନେତ୍ରାନନ୍ଦ ମିଶ୍ର, ଗୁମି ଫରେଷ୍ଟର ବନମାଳୀ ରାଉତ, କାପ୍ତାପଲ୍ଲୀ ଫରେଷ୍ଟଗାଡ ମାନସ ସେଠୀ ପ୍ରମୁଖ ସର୍ଭେ କରି ଫେରିଛନ୍ତି। ପର୍ଯ୍ୟଟନ ପୀଠକୁ ପଡିଥିବା ୧୦ କିମି ରାସ୍ତା ନୂଆକରି ନିର୍ମାଣ ହେଲେ ଡେଙ୍ଗବାରୀ ଓ ଭଣ୍ଡାରୀବାରୀ ଆଦିବାସୀ ଗାଁକୁ ରାସ୍ତା ଫିଟିବ । ରତାଦେଇପୁର ପୀଠକୁ ଯାତାୟାତ ସହଜ ହେବ। ଗତ କିଛିଦିନ ତଳେ ଦଶପଲ୍ଲା ବିଧାୟକ ଉକ୍ତ ରାସ୍ତାକୁ ଅନୁଧ୍ୟାନ କରି ଫେରିବା ପରେ ସର୍ଭେ ଆରମ୍ଭ ହୋଇଛି ।

## ଡିଏସ୍‌ପିଙ୍କୁ ଭେଟିଲେ ଅଭିଯୋଗକାରୀ

**ଅଭିଯୋଗର ହେଉନି କାର୍ଯ୍ୟାନୁଷ୍ଠାନ**

**ଚଣ୍ଡିଖୋଲ,୨୦।୨(ଡି.ଏନ.ଏ)**

ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ପଲେଇ ଗ୍ରାମର ଦଳିତ ଯୁବକ ସୁକାନ୍ତ ମଳିକଙ୍କୁ ୫ଜଣ ବ୍ୟକ୍ତି ଜାନୁୟାରୀ ୧୦ରେ ଘରେ ପଶି ମାଡ଼ ମାରିଥିଲେ। ଏନେଇ ସେ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ। ତେଣୁ ସେ ଏସ୍‌ପିଙ୍କୁ ଭେଟି ଅଭିଯୋଗ କରିବାକୁ ଯାଇଥିଲେ। ମାତ୍ର ଏସପି ନ ଥିବାରୁ ଡିଏସ୍‌ପିଙ୍କୁ ଭେଟି ଅଭିଯୋଗ କରିଛନ୍ତି। ସେ ଦର୍ଶାଇଛନ୍ତି, ଗାଈ ବନ୍ଧାକୁ କେନ୍ଦ୍ର କରି ସମ୍ପୃକ୍ତ ବ୍ୟକ୍ତି ତାଙ୍କୁ ମାଡ଼ ମାରିଥିଲେ। ଏଥିରେ ସେ ଆହତ ହୋଇଥିଲା। ଏ ସମ୍ପର୍କରେ ବାଲିଚନ୍ଦ୍ରପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ.୨୧।୨୧) ରୁଜୁ କରିଥିଲା। ହେଲେ ଅଭିଯୁକ୍ତଙ୍କୁ ଗିରଫ କରି ନ ଥିଲା। ଏସପିଙ୍କ ଅନୁପସ୍ଥିତିରେ ଡିଏସପି ସଂଗ୍ରାମ ଟୁଡୁ ଅଭିଯୋଗକୁ ରଖିଥିଲେ। ଯଦି କୌଣସି କାର୍ଯ୍ୟାନୁଷ୍ଠାନ ନ ନିଆଯାଏ ସୁକାନ୍ତ ଆତ୍ମାହୁତି ଦେବେ ବୋଲି ଚେତାବନୀ ଦେଇଛନ୍ତି। ଏସମ୍ପର୍କରେ ଥାନାଧିକାରୀ ସୁକାନ୍ତ ପାତ୍ର କହିଛନ୍ତି, ଅଭିଯୋଗର ତଦନ୍ତଭାର ଡିଏସ୍‌ପି ନେଇଛନ୍ତି। ଯାହା କାର୍ଯ୍ୟାନୁଷ୍ଠାନ ନେବା କଥା ସେ ହିଁ ନେଇପାରିବେ। ଡିଏସପି ଟୁଡୁଙ୍କୁ ପଚାରିବାରେ ଘଟଣାକୁ ନେଇ ଏକ ମାମଲା ରୁଜୁ ହୋଇଛି। ପ୍ରଥମ ପର୍ଯ୍ୟାୟ ତଦନ୍ତ ସରିଛି। ଦ୍ୱିତିୟ ପର୍ଯ୍ୟାୟ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

## ପଞ୍ଚାୟତିରାଜ ଆଇନକୁ ମାନୁନାହାନ୍ତି ବାବୁ

- ନିର୍ବାଚିତ ପ୍ରତିନିଧିଙ୍କୁ ଅଣଦେଖା ଅଭିଯୋଗ
- ରାଜ୍ୟ ପଞ୍ଚାୟତିରାଜ ବିଭାଗରୁ ମିଳୁଛି ମଞ୍ଜୁରୀପ୍ରାପ୍ତ ତାଲିକା

**କେନ୍ଦ୍ରାପଡ଼ା ଅଫିସ,୨୦।୨**

ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ ଜିଲା ପରିଷଦ ସର୍ବୋଚ୍ଚସ୍ତର । ଜିଲା ପଞ୍ଚାୟତର ଆଖ୍ୟା ପାଇଥିବା ଏହି ପରିଷଦର ନିର୍ବାଚିତ ଲୋକ ପ୍ରତିନିଧିଙ୍କୁ ପ୍ରଶାସକ ଅଣଦେଖା କରୁଛି । ଏହି ବ୍ୟବସ୍ଥା ପାଇଁ ଥିବା ଆଇନକୁ ନିଜକୁ ସୁହାଇବା ଅନୁଯାୟୀ ବାବୁମାନେ ପରିଚାଳନା କରୁଛନ୍ତି । ଏପରି କି ଜିଲା ପରିଷଦ ସଭ୍ୟଙ୍କ ଅଜାଣତରେ ରାଜ୍ୟ ପଞ୍ଚାୟତିରାଜ ବିଭାଗରୁ ମଞ୍ଜୁରୀପ୍ରାପ୍ତ ତାଲିକା ଆସୁଥିବା ସେମାନଙ୍କ ଅସନ୍ତୋଷର କାରଣ ବୋଲି ଲୋକପ୍ରତିନିଧିମାନେ ଅଭିଯୋଗ ହୋଇଛି।

ଜିଲା ପରିଷଦ ସଭ୍ୟା ଅହଲ୍ୟା ଲେଙ୍କା, ସଭ୍ୟ ଗଣେଶ ଚନ୍ଦ୍ର ସାମଲ, ସରପଞ୍ଚ ପ୍ରଦ୍ୟୁମ୍ନ କୁମାର ଲେଙ୍କା, ସମିତି ସଭ୍ୟ ଜ୍ଞାନରଞ୍ଜନ ବସନ୍ତିଆ ପ୍ରମୁଖ ଏ ନେଇ କହିଛନ୍ତି, ଗ୍ରାମାଞ୍ଚଳର ବିକାଶ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅର୍ଥ ଆୟୋଗ ପକ୍ଷରୁ ଅନୁଦାନ ମଞ୍ଜୁର ହେଉଛି। ତେବେ ଏହି ଅନୁଦାନକୁ ଲୋକ ପ୍ରତିନିଧିଙ୍କୁ ନ ଜଣାଇ ସରକାରୀ ବାବୁମାନେ ତା'ର ପରିଚାଳନା କରୁଛନ୍ତି। ପଞ୍ଚମ ରାଜ୍ୟ ଅର୍ଥ ଆୟୋଗ ଚଳିତ ଆର୍ଥିକ ବର୍ଷଠାରୁ ୨୦୨୫- ୨୬ ଆର୍ଥିକ ବର୍ଷ ମଧ୍ୟରେ ୧୨ଟି କ୍ଷେତ୍ରରେ ପ୍ରାୟ ୪,୯୯୫ କୋଟି ଟଙ୍କା ଗ୍ରାଣ୍ଟ୍ ଇନ୍ ଏଡ୍ ଆକାରରେ ଯୋଗାଇ ଦେବା ପାଇଁ ରାଜ୍ୟ ସରକାରଙ୍କୁ ସୁପାରିସ କରିଛି। ପ୍ରତିବର୍ଷ ପ୍ରାୟ ୮୧୬ କୋଟି ଟଙ୍କା ଖର୍ଚ୍ଚ ହେବ । ପାନୀୟ ଜଳଯୋଗାଣ, ସବୁଦିନିଆ ରାସ୍ତା ନିର୍ମାଣ, ଗ୍ରାମାଞ୍ଚଳ ହାଟର ବିକାଶ, ରାସ୍ତା ଆଲୋକୀକରଣ, ସ୍ଥାୟୀ ସମ୍ପତ୍ତିର ରକ୍ଷଣାବେକ୍ଷଣ, ଜଳାଶୟର ସୁରକ୍ଷା ଓ ଉନ୍ନତି, ପ୍ରାଥମିକ ବିଦ୍ୟାଳୟର ମରାମତି ଆଦି କାର୍ଯ୍ୟରେ ଏହି ଅର୍ଥ ବିନିଯୋଗ ହେବ । ତେବେ ଏହି କ୍ଷେତ୍ରରେ ଲୋକ ପ୍ରତିନିଧିଙ୍କ କ୍ଷମତାକୁ ସଙ୍କୁଚିତ କରାଯାଇଛି। ପଞ୍ଚଦଶ କେନ୍ଦ୍ରୀୟ ଅର୍ଥ ଆୟୋଗ ସୁପାରିସକ୍ରମେ ଗ୍ରାମାଞ୍ଚଳର ବିକାଶ ପାଇଁ ପଞ୍ଚାୟତକୁ ୭୦%, ପଞ୍ଚାୟତ ସମିତିକୁ ୨୦% ଓ ଜିଲା ପରିଷଦକୁ ୧୦% ଅର୍ଥ ମଞ୍ଜୁର କରୁଛନ୍ତି । ତେବେ ରାଜ୍ୟ ସରକାର କେବଳ ଡିଭୋଲେଶନ ଫଣ୍ଡକୁ ୬୦, ୩୦ ଓ ୧୦ ଅନୁପାତରେ ଖର୍ଚ୍ଚ ପାଇଁ ଅନୁମୋଦନ କରୁଛନ୍ତି । ହେଲେ ଗ୍ରାଣ୍ଟ ଇନ୍ ଏଡ୍‌କୁ ମନମୁଖି ଭାବେ ନିଜେ ପରିଚାଳନା କରୁଛନ୍ତି । ଏଥିରେ ସମ୍ପୂର୍ଣ୍ଣ ନିର୍ବାଚିତ ତ୍ରିସ୍ତରୀୟ ପଞ୍ଚାୟତ ବ୍ୟବସ୍ଥାକୁ ଉପେକ୍ଷା କରାଯାଇଛି । ଏଥିସହ ସେମାନେ କହିଛନ୍ତି, ରାଜ୍ୟ ସରକାର ଗ୍ରାମାଞ୍ଚଳରେ ପାନୀୟ ଜଳ ଯୋଗାଣ ନିମନ୍ତେ କୌଣସି ପଞ୍ଚାୟତିରାଜ ଅନୁଷ୍ଠାନକୁ ଗ୍ରାଣ୍ଟ ଇନ ଏଡ୍ ଅର୍ଥ ମଞ୍ଜୁର ନ କରି ଏହାକୁ ସିଧା ରାଜ୍ୟ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗକୁ ପ୍ରଦାନ କରିଛନ୍ତି । ରାଜ୍ୟ ପଞ୍ଚାୟତିରାଜ ବିଭାଗ ଏଥିପାଇଁ କରିଥିବା ଗାଇଡ୍ ଲାଇନ୍‌ରେ ପଞ୍ଚାୟତ ଅନୁଷ୍ଠାନର କେଉଁସ୍ତରରୁ ଏଥିପାଇଁ ପ୍ରକଳ୍ପ ପ୍ରସ୍ତାବ ଆସିବ, ତାହା ସ୍ପଷ୍ଟ ନ କରି ବିଭାଗର ସ୍ଥାନୀୟ ଡିଭିଜନଗୁଡ଼ିକ ଆନୁଆଲ ଆକ୍ସନ ପ୍ଲାନକୁ ଅନୁମୋଦନ କରାଇ କାମ କରିବେ ବୋଲି ଦର୍ଶାଇଛି ।

ସେହିପରି ପ୍ରାଥମିକ ବିଦ୍ୟାଳୟ ମରାମତି, ଜଳାଶୟ ସୁରକ୍ଷା ଓ ବିକାଶ, ଗ୍ରାମ୍ୟ ହାଟର ବିକାଶ ଆଦି କ୍ଷେତ୍ରରେ ସରକାର ଜିଲା ପରିଷଦକୁ ଅର୍ଥ ମଞ୍ଜୁର କରିଥିବା ବେଳେ ରାଜ୍ୟ ପଞ୍ଚାୟତିରାଜ ବିଭାଗ ଏହାକୁ ପଞ୍ଚାୟତ ସମିତି ପିଏଲ୍ ଆକାଉଣ୍ଟକୁ ଦେବାକୁ ଗାଇଡ୍ ଲାଇନରେ ନିର୍ଦ୍ଦେଶ ହୋଇଛି। ଏଥିସହ ରାଜ୍ୟ ପଞ୍ଚାୟତିରାଜ ବିଭାଗରୁ ମଞ୍ଜୁରୀପ୍ରାପ୍ତ ପ୍ରକଳ୍ପ ତାଲିକା ଆସି ପଞ୍ଚାୟତ ସମିତିରେ ପହଞ୍ଚିବାରେ ଲାଗିଛି । ରାଜ୍ୟ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ମଞ୍ଜୁରୀପ୍ରାପ୍ତ ପ୍ରକଳ୍ପ ତାଲିକା ବ୍ଲକରେ ପହଞ୍ଚିବାରୁ ଜିଲା ପ୍ରଶାସନର କୌଣସି ଭୂମିକା ରହୁନାହିଁ । ଫଳରେ ଗ୍ରାମାଞ୍ଚଳର ତୃଣମୂଳ ସମସ୍ୟାର ସମାଧାନ ହେବା ନେଇ ଅନିଶ୍ଚିତତା ଦେଖାଦେଇଛି । ଲୋକ ପ୍ରତିନିଧିଙ୍କ କ୍ଷମତା ସଙ୍କୁଚିତ କରାଯାଉଛି ବୋଲି ସେମାନେ ଅଭିଯୋଗ କରିଛନ୍ତି । ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଦିଲୀପ କୁମାର ପରିଡ଼ାଙ୍କୁ ଏ ସଂକ୍ରାନ୍ତରେ ପଚାରିବାରୁ ମୁଁ ଏନେଇ କୌଣସି ମତ ଦେଇପାରିବି ନାହିଁ ବୋଲି କହିଛନ୍ତି ।

## ଅଟୋ ଓଲଟି ଚାଳକ ମୃତ

ଡେରାବିଶ,(ସ୍ୱ.ପ୍ର.) -ଡେରାବିଶ ଥାନା ଅଧୀନ ୫୩ ନଂ.(କ) ଜାତୀୟ ରାଜପଥର ଛତାଠାରେ ଶନିବାର ସନ୍ଧ୍ୟାରେ ଏକ ଡାଲା ଅଟୋ (ନଂ.ଓଡ଼ି-୨୯-ଜି-୦୩୪୮) ଓଲଟି ଚାଳକଙ୍କ ମୃତ୍ୟୁ ଘଟିଛି । ମୃତକଙ୍କ ପରିଚୟ ମିଳିପାରି ନାହିଁ । ପୋଲିସ ଅଟୋ ଜବତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି । ଚଣ୍ଡିଖୋଲରୁ ପାରାଦ୍ୱୀପ ଅଭିମୁଖେ ଦ୍ରୁତଗତିରେ ଯାଉଥିବା ଏହି ଡାଲା ଅଟୋଟି ଛତା ଛକ ନିକଟରେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା । ଚାଳକଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା । ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

# ପ୍ରମାଣ ହେଲେ ଡିମାଣ୍ଡ ନୋଟିସ

**ଯାଜପୁର ଅଫିସ,୨୦।୨**

ଯାଜପୁର ଜିଲା ଧର୍ମଶାଳା ତହସିଲ ଅଞ୍ଚଳରେ ମୂଲ୍ୟବାନ କଳାପଥର(ଗ୍ରାନାଇଟ) ଚୋରି ମାମଲା ବହୁ ପୁରୁଣା । ଆରୁହା ପାହାଡ଼ରୁ ୩ ଏକର ଜମିରୁ ପଥର ଉତ୍ତୋଳନ କରିବାକୁ ଅନୁମତି ମିଳିଛି । କିନ୍ତୁ ୧୦୦ରୁ ଊର୍ଦ୍ଧ୍ୱ ଏକର ଜମିରୁ ପଥର ଲୁଟ୍ ହୋଇଛି । ଏନେଇ ଲୋକାୟୁକ୍ତରେ ମାମଲା ରୁଜୁ ହୋଇଥିବାବେଳେ ଜିଲା ପ୍ରଶାସନକୁ ଜବାବ ତଲବ ହୋଇଛି । ହେଲେ ଏଯାଏ ପଥର ଲୁଟ୍ ପରିମାଣ କିମ୍ବା ଅଞ୍ଚଳର ମାପଚୁପ କରାଯାଇନାହିଁ । ଅନ୍ୟପକ୍ଷେ ଆରୁହା ପାହାଡ଼ରୁ କଳାପଥର ଲୁଟ୍ ପ୍ରମାଣିତ ହେଲେ ସମ୍ପୃକ୍ତ ଲିଜ୍‌ଧାରୀଙ୍କ ବିରୋଧରେ ଡିମାଣ୍ଡ ନୋଟିସ ହେବ ବୋଲି ତହସିଲଦାର ସୂଚିତ କରିଛନ୍ତି । ୪ ବର୍ଷ ତଳେ ଉଙ୍କାରୀ ପାହାଡ଼ରୁ କଳାପଥର ଲୁଟ୍ ଅଭିଯୋଗ ହେବା ପରେ ସମ୍ପୃକ୍ତ ଲିଜ୍‌ଧାରୀଙ୍କୁ ଧର୍ମଶାଳା ତହସିଲ ପକ୍ଷରୁ ୫୮.୬୨ କୋଟି ଟଙ୍କାର ଡିମାଣ୍ଡ ନୋଟିସ ହୋଇଥିଲା । ଏପରି କି ଏନଜିଟି ମାମଲାରେ ୨୫ କୋଟି ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ହୋଇଥିଲା, ଯାହାକି ନ୍ୟାୟିକ ବ୍ୟବସ୍ଥାରେ ଝୁଲି ରହିଛି । ଏହିକ୍ରମରେ 'ନେଇ ଆଣି ଥୋଇ ଜାଣିଲେ ଚୋରି ବିଦ୍ୟା ଭଲ' ନୀତିରେ କଳାପଥର ଚୋରି ଏଠାରେ ଜୋର ଧରିଛି ବୋଲି ଚର୍ଚ୍ଚା ହେଉଛି । ରାଜସ୍ୱ ଓ ପୋଲିସ ବିଭାଗ ସହ ସଲାସୁତୁରା କରି ଅନେକ କଳାପଥର ଲୁଟ୍ ପର୍ଦ୍ଦାଫାଶ ହେଉଥିବାବେଳେ କେତେକ ମାମଲା ଦବିଯାଉଛି ବୋଲି ମତପ୍ରକାଶ ପାଇଛି ।

ଆରୁହା ପାହାଡ଼ରୁ ନିର୍ଦ୍ଧାରିତ ଲିଜ୍ ଏରିଆଠାରୁ ବହୁଗୁଣରେ ଅଧିକ କଳାପଥର ବେଆଇନ ଭାବେ ଉତ୍ତୋଳନ ହୋଇଛି । ଏଥିପାଇଁ ରାଜ୍ୟ ସରକାର ବିପୁଳ ପରିମାଣର ରାଜସ୍ୱ ହରାଇଛନ୍ତି । ଏଥିରେ ସ୍ଥାନୀୟ ପୋଲିସ ଓ ଧର୍ମଶାଳା ତହସିଲ ପ୍ରଶାସନର କେତେଜଣ ସହଯୋଗୀ ହୋଇଥିବା ଅଭିଯୋଗ ହୋଇଆସୁଛି । ଏହି ମର୍ମରେ ଓଡ଼ିଶା ଲୋକାୟୁକ୍ତରେ ୧୩୫୫/୨୦୨୦ରେ ଏକ ମାମଲା ରୁଜୁ ହୋଇଛି । ଅଭିଯୋଗ ଅନୁସାରେ ଜାନୁୟାରୀ ୧୯ରେ ଲୋକାୟୁକ୍ତ ଅଧ୍ୟକ୍ଷ ୬ ସପ୍ତାହ ମଧ୍ୟରେ ଯାଜପୁର ଜିଲାପାଳ, ଧର୍ମଶାଳା ତହସିଲଦାର ଓ ଲିଜଧାରୀ ତ୍ରିନାଥ ଜେନାଙ୍କୁ ଜବାବ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି, ଯାହାକି ଜିଲା ପ୍ରଶାସନ ପକ୍ଷରୁ କୌଣସି ଜବାବ ରଖାଯାଇ ନ ଥିବା ସୂଚନା ମିଳିଛି । ଲୋକାୟୁକ୍ତରେ ହୋଇଥିବା ଅଭିଯୋଗ ଅନୁସାରେ ୧।୯।୨୦୧୭ରେ ଆରୁହା କଳାପଥର ଖାଦାନ ୧ ଲିଜ ପାଇଁ ଧର୍ମଶାଳା ତହସିଲ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଓଏମ୍‌ଏମ୍‌ସି ନିୟମ ୨୦୧୬ ଅନୁସାରେ ଏହି ବିଜ୍ଞପ୍ତି ପ୍ରକାଶ ପାଇବା ପରେ ତ୍ରିନାଥ ଜେନାଙ୍କୁ ୫ ବର୍ଷିଆ (୨୦୧୭-୧୮ରୁ ୨୦୨୧-୨୨) ଲିଜ୍ ପ୍ରଦାନ କରାଯାଇଥିଲା । ଜମି ରେକର୍ଡ ଅନୁସାରେ ଆରୁହା ପାହାଡ଼ରେ ୧୫୩.୬୩୦ ଏକର କଳାପଥର ଖାଦାନ ରହିଛି । ସେଥିରୁ ମାତ୍ର ୩ ଏକର ଖାଦାନ ଲିଜ୍ ଦିଆଯାଇଥିବାବେଳେ ଚଞ୍ଚକତା କରି ପ୍ରାୟ ୧୦୦ ଏକର ପର୍ଯ୍ୟନ୍ତ କଳାପଥର ବେଆଇନ ଭାବେ ଉତ୍ତୋଳନ କରାଯାଉଛି । ଏହାସହ ଲିଜ୍‌ରେ ଅନୁମତି ପରିମାଣଠାରୁ ଶତାଧିକ ଗୁଣ ଅଧିକ ମୂଲ୍ୟବାନ କଳାପଥର ଲୁଟ୍ ହୋଇଛି । ଉଙ୍କାରୀ ଭଳି ଖଣି ବିଭାଗର ବିଶେଷଜ୍ଞ ଦଳ ଦ୍ୱାରା ମାପଚୁପ କରାଗଲେ ୧୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର କଳାପଥର ଉତ୍ତୋଳନ ହୋଇଥିବା ନେଇ ଆବେଦନକାରୀ ସର୍ବେଶ୍ୱର ବେହୁରା ସନ୍ଦେହ ପ୍ରକଟ କରିଛନ୍ତି ।

ଅନ୍ୟଏକ ଘଟଣାକ୍ରମେ ଉଙ୍କାରୀ ରାଜସ୍ୱ ନିରୀକ୍ଷକଙ୍କ ରିପୋର୍ଟରେ ଉଙ୍କାରୀର ରବି ଦାସ, ଚଢେଇଧରାର କୁନା ପୃଷ୍ଟି ଓ ଢେଙ୍କାନାଳ ଜିଲା ନାଜିଚୌକିଛକର ସ୍ୱରୂପାନନ୍ଦ ଦାସ ବେଆଇନ ଭାବେ କଳାପଥର ଉତ୍ତୋଳନ କରି ପରିବହନ କରୁଥିବା ଦର୍ଶାଯାଇଛି । ଏହାକୁ ଆଧାର କରି ଧର୍ମଶାଳା ତହସିଲଦାର ଉପରୋକ୍ତ ୩ ଜଣ ଅଭିଯୁକ୍ତଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜେନାପୁର ଥାନାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହାକୁ ୨ ମାସ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ ପୋଲିସ କୌଣସି ପଦକ୍ଷେପ ଗ୍ରହଣ କରି ପାରିନାହିଁ । ଏ ସଂକ୍ରାନ୍ତରେ ଧର୍ମଶାଳା ତହସିଲଦାର ପ୍ରଶାନ୍ତ ସାମନ୍ତରାୟଙ୍କୁ ପଚାରିବାରେ ସେ କହିଛନ୍ତି, ଗୁରୁବାର ଜେନାପୁର ଥାନାଧିକାରୀଙ୍କୁ ଉଙ୍କାରୀ ଚୋରି ମାମଲା ସମ୍ପର୍କରେ ଅବଗତ କରାଯାଇଛି । ତେବେ ଆରୁହା ଘଟଣାରେ ଲୋକାୟୁକ୍ତଙ୍କ ଜବାବ ତଲବର ଉତ୍ତର ଦେବା ପାଇଁ ପ୍ରସ୍ତୁତି ଚାଲିଛି । ଲିଜ୍‌ଠାରୁ ଅଧିକ କଳାପଥର ଉତ୍ତୋଳନ ହୋଇଥିବା ମାପଚୁପରେ ପ୍ରମାଣିତ ହେଲେ ଲିଜ୍‌ଧାରୀଙ୍କ ବିରୋଧରେ ନିଶ୍ଚିତ ଭାବେ ଡିମାଣ୍ଡ ନୋଟିସ ହେବ ବୋଲି ସେ କହିଛନ୍ତି ।

**ଆରୁହା କଳାପଥର ଖାଦାନ ଲୋକାୟୁକ୍ତ ମାମଲା**

- ୩ ଏକର ସ୍ଥଳେ ୧୦୦ ଏକରରୁ ଉତ୍ତୋଳନ
- ମିଳିଛି ସରକାରୀ ସହାୟତା

## କ୍ରିକେଟ୍: କେନ୍ଦ୍ରାପଡ଼ା ବିସିଜେଡି, ଜଗତ୍‌ସିଂହପୁର ବିୱାଇଜେଡି ବିଜୟୀ

**ଧର୍ମଶାଳା,୨୦।୨(ଡି.ଏନ.ଏ.)**

ଧର୍ମଶାଳା କ୍ଲବ ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମରେ ଚାଲିଥିବା ବିଜୁ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟର ଚତୁର୍ଥ ଦିବସରେ ଅନୁଷ୍ଠିତ ମ୍ୟାଚ୍‌ରେ କେନ୍ଦ୍ରାପଡ଼ା ବିସିଜେଡି ଓ ଜଗତ୍‌ସିଂହପୁର ବିୱାଇଜେଡି ବିଜୟୀ ହୋଇଛନ୍ତି । ଜଗତ୍‌ସିଂପୁର ବିସିଜେଡି ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୮ ଉଇକେଟ ହରାଇ ୧୯୫ରନ କରିଥିଲା । ଜବାବରେ କେନ୍ଦ୍ରାପଡ଼ା ବିସିଜେଡି ୧୩.୩ ଓଭରରେ ୬ ଉଇକେଟ ହରାଇ ୧୯୭ ରନ କରି ବିଜୟୀ ହୋଇଥିଲା । ବିଜୟୀ ଦଳର ମୁରଲୀ ନାୟକଙ୍କୁ ମ୍ୟାନ୍‌ଅଫଦି ମ୍ୟାଚ ଘୋଷଣା କରାଯାଇଥିଲା । ଦ୍ୱିତୀୟ ମ୍ୟାଚରେ କେନ୍ଦ୍ରାପଡ଼ା ବିୱାଇଜେଡି ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୮ ଉଇକେଟ ହରାଇ ୧୩୬ ରନ କରିଥିଲା । ଜବାବରେ ଜଗତ୍‌ସିଂହପୁର ବିୱାଇଜେଡି ବ୍ୟାଟିଂ କରି ୧୧.୨ ଓଭରରେ ୬ ଉଇକେଟ ହରାଇ ୧୩୮ ରନ କରି ବିଜୟୀ ହୋଇଥିଲା । ବିଜୟୀ ଦଳର ଉମେଶ ସାହୁଙ୍କୁ ମ୍ୟାନ୍ ଅଫଦି ମ୍ୟାଚ୍ ଘୋଷଣା କରାଯାଇଥିଲା । ଖେଳକୁ ଉତ୍ତମ ସାମଲ, ଅମରେଶ ପରିଡା, ରଞ୍ଜନ ପାଳ ଓ ଦିଲକ ଜେନା ପରିଚାଳନା କରିଥିଲେ ।

## ସଂକ୍ଷେପରେ

### ହନୁମାନ ବିଗ୍ରହ ପ୍ରତିଷ୍ଠା ଉତ୍ସବ



**ବିଞ୍ଝାରପୁର,୨୦।୨(ଡି.ଏନ.ଏ.):** ବିଞ୍ଝାରପୁର ବ୍ଲକ ବାଛୋଳ ଗ୍ରାମପଞ୍ଚାୟତ ଧରମପୁର ଗ୍ରାମରେ ହନୁମାନ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅରମ୍ଭ ହୋଇଛି । ଏହି ଅବସରରେ ଶୁକ୍ରବାର ପ୍ରାତଃକାଳରୁ ନିକଟସ୍ଥ ଖରସ୍ରୋତା ନଦୀରୁ ୧୦୮ କଳସ ଜଳ ଅଣାଯାଇ ହନୁମାନଙ୍କ ମହାସ୍ନାନ କରାଯାଇଥିଲା । ପରେ ବିଧିମୁତାବକ ଶୋଡଷ ଉପଚାରରେ ପୂଜା ଓ ଯଜ୍ଞ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ସ୍ଥାନୀୟ ଅଞ୍ଚଳରେ ଧାର୍ମିକ ପରିବେଶ ସୃଷ୍ଟି କରିଛି । ଏଥିରେ ସମସ୍ତ ଗ୍ରାମବାସୀ ସହଯୋଗ କରୁଛନ୍ତି ।

### ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

**କଳିଙ୍ଗନଗର,୨୦।୨(ଡି.ଏନ.ଏ.):** ଯାଜପୁର ରୋଡ ଥାନା ରାଛିପୁର ପଞ୍ଚାୟତ ଖଣ୍ଡାଅତା ଛକରେ ଶନିବାର ସକାଳେ ଏକ ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି । ଅନ୍ୟ ଜଣେ ଗୁରୁତର ହୋଇଛନ୍ତି । ତାଙ୍କୁ ପ୍ରଥମେ ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ମୃତକ ହେଲେ ଯଖପୁରା ଗ୍ରାମର କାହ୍ନୁ ମଲିକ(୨୦) । ସେ ବାଇକ୍ ଯୋଗେ ରାଛିପୁରର ଶନିଶ୍ଚରଙ୍କୁ ଦର୍ଶନ କରି ଫେରୁଥିଲେ । ଏହି ସମୟରେ ଯୋକଡ଼ିଆ ଆଡୁ ଦ୍ରୁତ ଗତିରେ ଆସୁଥିବା ଏକ ବାଲି ବୋଝେଇ ଡମ୍ଫରକୁ ଅତିକ୍ରମ କରୁଥିବା ସମୟରେ ସାମ୍ନାରୁ ଏକ ବୁଲେଟ ଆସିଯିବାରୁ ଭାରସାମ୍ୟ ହରାଇ କାହ୍ନୁ ଡମ୍ଫର ତଳକୁ ଚାଲିଆସିଥିଲେ । କାହ୍ନୁ ଡମ୍ଫରର ପଛ ଚକାତଳେ ଚାପି ହୋଇଯିବାରୁ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା । ବୁଲେଟ ଚାଳକ ଜଣଙ୍କ ଛିଟିକି ପଡ଼ିବାରୁ ଗୁରୁତର ହୋଇଥିଲେ । ସ୍ଥାନୀୟ ଲୋକମାନେ ଯାଜପୁରରୋଡ ପୋଲିସକୁ ଖବର ଦେବା ସହିତ ସେଠାରେ ପହଞ୍ଚି ଗୁରୁତର ଯୁବକଙ୍କୁ ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ । ଯାଜପୁର ରୋଡ ଥାନାଧିକାରୀ ଅନୀଲ କୁମାର ମହାନ୍ତି ପହଞ୍ଚି ଦୁର୍ଘଟଣା ଘଟାଇଥିବା ଡମ୍ଫରକୁ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି ।

### ପୂର୍ବତନ ପୌର ଉପାଧ୍ୟକ୍ଷଙ୍କ ପରଲୋକ

**ଯାଜପୁର ଟାଉନ୍,୨୦।୨(ଡି.ଏନ.ଏ.):** ଯାଜପୁର ପୌରପାଳିକାର ପୂର୍ବତନ ପୌର ଉପାଧ୍ୟକ୍ଷ ସଚ୍ଚିଦାନନ୍ଦ କରଙ୍କ ଶନିବାର ଅପରାହ୍ନରେ ତାଙ୍କ ଜାଗେଶ୍ୱରପୁର ବାସଭବନରେ ପରଲୋକ ଘଟିଛି । ସେ ଦୀର୍ଘ ଦିନ ହେବ ବାର୍ଦ୍ଧକ୍ୟଜନିତ ରୋଗରେ ପିଡ଼ିତ ହୋଇ ଶଯ୍ୟାଶାୟୀ ଥିଲେ । ମୃତ୍ୟୁବେଳକୁ ତାଙ୍କୁ ୯୩ ବର୍ଷ ବୟସ ହୋଇଥିଲା । ମୃତ୍ୟୁଶଯ୍ୟା ନିକଟରେ ପୁଅ, ବୋହୂ, ନାତି, ନାତୁଣୀ, ନାତୁଣୀ ବୋହୂ, ନାତୁଣୀ ଜ୍ୱାଇଁ, ଭଣଜା ପ୍ରମୁଖ ଉପସ୍ଥିତ ଥିଲେ । ତାଙ୍କ ମୃତ୍ୟୁ ପ୍ରଚାରିତ ହେବାପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା । ପ୍ରାକ୍ତନ ପୌରାଧ୍ୟକ୍ଷ ଭବପ୍ରସାଦ ଦାସ, ଜିଲା କଂଗ୍ରେସ ସଭାପତି ମନୋଜ ରାଉତ, ବରିଷ୍ଠ ପାରିଷଦ ସନ୍ତୋଷ ମଲ୍ଲିକ, ନଗର କଂଗ୍ରେସ ସଭାପତି ନାରାୟଣ ସାମନ୍ତ, ପ୍ରାକ୍ତନ ଜିଲା କଂଗ୍ରେସ ସଭାପତି ଶିଶିର ନାୟକ, ପୂର୍ବତନ ପୌର ନିର୍ବାହୀ ଅଧିକାରୀ ସୁଦର୍ଶନ ମିଶ୍ର, ଉମେଶ ଚନ୍ଦ୍ର ବାରିକ ସମେତ ବରିଷ୍ଠ ନାଗରିକ, ଯାଜପୁର ଅଞ୍ଚଳର ବହୁ ବିଶିଷ୍ଟ ଡାକ୍ତର, ଆଇନଜୀବୀ, ବୁଦ୍ଧିଜୀବୀ, ସାହି ବାସିନ୍ଦା ପ୍ରମୁଖ ସ୍ୱର୍ଗତ କରଙ୍କ ବାସଭବନରେ ପହଞ୍ଚି ମର ଶରୀରରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ସ୍ୱର୍ଗତ ସଚ୍ଚିଦାନନ୍ଦ ଛାତ୍ର ଜୀବନରୁ ରାଜନୀତି ଆରମ୍ଭ କରି କଂଗ୍ରେସ ଦଳ ସମର୍ଥିତରୁ ୭୦ ଦଶକରେ ଯାଜପୁର ପୌରପରିଷଦ ଉପାଧ୍ୟକ୍ଷ ପଦବୀରେ ଅଧିଷ୍ଠିତ ହୋଇଥିଲେ । ତାଙ୍କ କାର୍ଯ୍ୟକାଳ ସମୟରେ ସହରରେ ବହୁ ଉନ୍ନୟନ କାମ ହୋଇଥିଲା । ତାଙ୍କ ବିୟୋଗରେ ବିଧାୟକ ପ୍ରଣବ ପ୍ରକାଶ ଦାସ, ଭାଜପା ଜିଲା ସଭାପତି ଗୌତମ ରାୟ ଗଭୀର ଶୋକ ବ୍ୟକ୍ତ କରିବା ସହ ସ୍ୱର୍ଗତ କର ଜଣେ ଅମାୟିକ ବ୍ୟକ୍ତିତ୍ୱ ଥିଲେ ବୋଲି ଶୋକବାର୍ତ୍ତାରେ ପ୍ରକାଶ କରିଛନ୍ତି ।

## 'ରେଡ୍‌କ୍ରସ ସମାଜ ସୁଧାରରେ ସହାୟକ ହୋଇଥାଏ'

**ଧର୍ମଶାଳା,୨୦।୨(ଡି.ଏନ.ଏ.)**



ଶ୍ରେଷ୍ଠ ବିବେଚିତ ମହିଳା ସ୍ୱେଚ୍ଛାସେବୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି ।

ଧର୍ମଶାଳା ମହାବିଦ୍ୟାଳୟରେ ଚାଲିଥିବା ୬ଟି କଲେଜର କ୍ଲଷ୍ଟରସ୍ତରୀୟ ଯୁବ ରେଡ୍‌କ୍ରସ ତାଲିମ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ଉତ୍ସବରେ ଧର୍ମଶାଳା ମହାବିଦ୍ୟାଳୟ ଅଧ୍ୟକ୍ଷ ତପନ କୁମାର ମିଶ୍ର ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥିଭାବେ ଜିଲା ଯୁବ ରେଡ୍‌କ୍ରସ ସମ୍ପାଦକ ପ୍ରାଧ୍ୟାପକ ଡ. ବିଷ୍ଣୁଚରଣ ଦାସ ଯୋଗଦେଇ ଯୁବ ରେଡ୍‌କ୍ରସର ଆଭିମୁଖ୍ୟ ଓ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଅତିଥିଭାବେ ଯୁବ ରେଡ୍‌କ୍ରସ ସଂଯୋଜକ ପ୍ରାଧ୍ୟାପକ ଦେବୀପ୍ରସାଦ ସାହୁ ଯୋଗଦେଇ କହିଥିଲେ, ରେଡ୍‌କ୍ରସ ସମାଜରେ ସୁଧାର ଆଣିବାରେ ସହାୟକ ହୋଇଥାଏ । ମହାବିଦ୍ୟାଳୟ ଯୁବ ରେଡ୍‌କ୍ରସ କାଉନସିଲର ପ୍ରାଧ୍ୟାପକ ଅରବିନ୍ଦ କୁମାର ମହାନ୍ତି ରେଡ୍‌କ୍ରସର ଆଭିମୁଖ୍ୟ ଉପରେ ସୂଚନା ଦେଇଥିଲେ । ଅଧ୍ୟାପକ ବସନ୍ତ କୁମାର ତ୍ରିପାଠୀ ଅତିଥିଙ୍କୁ ସ୍ୱାଗତ ଓ ପରିଚୟ ପ୍ରଦାନ କରିଥିଲେ । ବିଭିନ୍ନ ଦିବସରେ ଚଣ୍ଡିଖୋଲ ଅଗ୍ନି ନିର୍ବାହକ ଅଧିକାରୀ ପ୍ରଭାକର ସାହୁ ବିପର୍ଯ୍ୟୟ ପରିଚାଳନା ଓ ଅଗ୍ନି ନିରାପତା ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ । ଧର୍ମଶାଳା ମହାବିଦ୍ୟାଳୟ ଛାତ୍ର ଉଦିତ୍ୟ କୁମାର ସାମଲ ଓ ମଧୁପୁର କଲେଜର ଛାତ୍ରୀ ଅମିଷା ପ୍ରିୟଦର୍ଶିନୀ ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଭାବେ ବିବେଚିତ ହୋଇଥିଲେ । ଅଧ୍ୟାପକ ସନ୍ତୋଷ କୁମାର ପଣ୍ଡା ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ଯୁବ ରେଡ୍‌କ୍ରସ ମହିଳା କାଉନସେଲର ଡ. ସସ୍ମିତା ସାମଲ ଧନ୍ୟବାଦ ଦେଇଥିଲେ ।

## ଟ୍ରାକ୍ଟର ଓଲଟି ଶ୍ରମିକଙ୍କ ମୃତ୍ୟୁ

**ଯାଜପୁରସଦର,୨୦।୨(ଡି.ଏନ.ଏ.)**

ଯାଜପୁର ସଦରଥାନା ଅଧୀନ ବେରୁଦା ପଞ୍ଚାୟତ ନେଳିପୁର ଗ୍ରାମ ନିକଟରେ ଟ୍ରାକ୍ଟର ଓଲଟି ପଡ଼ିବାରୁ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି । ସେ ହେଲେ ରାଉକେଲା ଅଞ୍ଚଳର ଅଜୟ ନାୟକ(୫୦) । କେତେଜଣ ଶ୍ରମିକ କାମ କରିବାକୁ ଟ୍ରାକ୍ଟର ଯୋଗେ ଯାଉଥିବା ବେଳେ ଟ୍ରାକ୍ଟରଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା । ଫଳରେ ଘଟଣାସ୍ଥଳରେ ଅଜୟଙ୍କ ମୃତ୍ୟୁ ଘଟିଥିଲା । ଖବରପାଇ ସଦରଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଦୁର୍ଘଟଣାଗ୍ରସ୍ତ ଟ୍ରାକ୍ଟରକୁ ଜବତ କରି ତଦନ୍ତ ଚଳାଇଛି । ଅଜୟଙ୍କ ସମ୍ପୂର୍ଣ୍ଣ ଠିକଣା ମିଳି ନ ଥିବାରୁ ପୋଲିସ ମୃତଦେହକୁ ଶବାଗାରରେ ରଖିଛି । ତାଙ୍କ ପରିବାର ଲୋକେ ଆସିଲେ ମୃତଦେହ ହସ୍ତାନ୍ତର କରାଯିବ ବୋଲି ଥାନା ପକ୍ଷରୁ କୁହାଯାଇଛି । ଏନେଇ ଥାନାରେ ଏକ ମାମଲା (ନଂ.୪୫।୨୧) ରୁଜୁ ହୋଇଛି । ଦୁର୍ଘଟଣାପରେ ଟ୍ରାକ୍ଟର ଚାଳକ ଫେରାର ହୋଇ ଯାଇଛନ୍ତି ।

## ଖଣି ସୁରକ୍ଷା ସଚେତନତା ସପ୍ତାହ

**କାଳିଆପାଣି,୨୦।୨(ଡି.ଏନ.ଏ.)**

ଭୁବନେଶ୍ୱର ରିଜିୟନ ଅଧୀନରେ ଥିବା କାଳିଆପାଣି ଖଣିଅଞ୍ଚଳର ଇମ୍ଫା ମହାଗିରୀ ଓ ସୁକିନ୍ଦା ଖଣିରେ ୩୮ତମ ଖଣି ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି । ପ୍ରଥମ ଦିନ ଖଣି ପରିଚାଳକ ମନୋଜ ସାମଲ ଓ ଜଳନ୍ଧର ପାତ୍ରଙ୍କ ଦ୍ୱାରା ଉଭୟ ଖଣିରେ ପତାକା ଉତ୍ତୋଳନ କରାଯାଇଥିଲା । ପତାକା ଉତ୍ତୋଳନ ସମୟରେ ଉପସ୍ଥିତ କର୍ମଚାରୀଙ୍କୁ ମାସ୍କ ଓ ଖଣି ସୁରକ୍ଷା ବ୍ୟାଚ୍ ପ୍ରଦାନ କରାଯାଇଥିଲା । ସମସ୍ତ କର୍ମଚାରୀ ଖଣି ନିୟମ ପାଳନ କରିବା ସହ ସୁରକ୍ଷାକୁ ଗୁରୁତ୍ୱ ଦେବାକୁ ଶପଥପାଠ କରିଥିଲେ । ସପ୍ତାହ ବ୍ୟାପି କାର୍ଯ୍ୟକ୍ରମରେ କର୍ମଚାରୀ, ଠିକାଦାରଙ୍କ ପାଇଁ ପୋଷ୍ଟର, ସ୍ଲୋଗାନ ଏବଂ ବକ୍ତୃତା ପ୍ରତିଯୋଗିତା କରାଯାଇଥିଲା । କଲୋନୀ ପରିସରରେ ଥିବା ପିଲାଙ୍କୁ ନେଇ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା । ଉଭୟ ଖଣିର କର୍ମଚାରୀଙ୍କ ଟ୍ରେଡ୍‌ଟେଷ୍ଟ କରାଯାଇଥିଲା । କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଖଣି ପରିଚାଳକ ଏସ୍ ମହାପାତ୍ର କର୍ମଚାରୀଙ୍କ ଏକ ସଭାରେ ସଭାପତିତ୍ୱ କରି ଖଣି କର୍ମଚାରୀଙ୍କୁ ଅଭିନନ୍ଦନ ଦେବା ସହ ୫ ବର୍ଷରେ ଖଣିଗୁଡ଼ିକରେ ଦୁର୍ଘଟଣାଶୂନ୍ୟ ରହିଥିବାରୁ ପ୍ରଶଂସା କରିଥିଲେ । ଖଣି ଉପସଭାପତି ଶୁଧାଂଶୁ ପାଟନୀ ଯୋଗଦେଇ ସକ୍ରିୟ ସୁରକ୍ଷା ଅଭ୍ୟାସ ରହିଲେ ସାମ୍ଭାବ୍ୟ ଦୁର୍ଘଟଣା ଘଟିବ ନାହିଁ । ଏଥିପ୍ରତି ଗୁରୁତ୍ୱାରୋପ କରିବାକୁ ପ୍ରକାଶ କରିଥିଲେ । ଉପସାଧାରଣ ପରିଚାଳକ ଅଜୟ କୁମାର ବେହୁରିଆ, ମାନବ ସମ୍ବଳ ପରିଚାଳକ ମନୋଜ ସାମଲ, ବରିଷ୍ଠ କାର୍ଯ୍ୟନିର୍ବାହୀ ଅଧିକାରୀ କେ.ଏଲ. ମିଶ୍ର, ବିପିନ ଦାସ, ଦେବାଶିଶ ସାମଲ ଓ ମଳୟ ଜେନା ପ୍ରମୁଖ ଖଣି ସୁରକ୍ଷା ସମ୍ବନ୍ଧରେ କର୍ମଚାରୀଙ୍କୁ ସଚେତନ କରିଥିଲେ ।


ଇମ୍ଫାର ଖଣି ସୁରକ୍ଷା ସଚେତନତା ସପ୍ତାହରେ ଯୋଗ ଦେଇଥିବା କର୍ମଚାରୀ ଓ ଅନ୍ୟମାନେ ।

## ଗୋସମ୍ପଦର ଚୋରାଚାଲାଣ ନେଇ ପ୍ରତିବାଦ ସଭା


ଦୁର୍ଲଭ କଳା ପରିଷଦ ମଣ୍ଡପଠାରେ ଅନୁଷ୍ଠିତ ପ୍ରତିବାଦ ସଭା ।

**ଯାଜପୁର ରୋଡ,୨୦।୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବସ୍ତା ଥାନା ଅର୍ନ୍ତଗତ ୬ ନମ୍ବର ଜାତୀୟ ରାଜପଥର ଗାନ୍ଧୀଛକଠାରେ ସଡ଼କ ଦୁର୍ଘଟଣାରେ ପ୍ରାୟ ୪୦ ଗୋସମ୍ପଦ ସହିତ ୩ ଜଣଙ୍କ ଜୀବନହାନି ପ୍ରତିବାଦରେ ଦୁର୍ଲ୍ଲଭ କଳା ପରିଷଦ ମଣ୍ଡପଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି । ସାମାଜିକ କର୍ମୀ ଦୁଷ୍ମନ୍ତ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଆଲୋଚକ ଭାବେ ମଞ୍ଚର ସଂପାଦକଚନ୍ଦ୍ରମଣି ସାମଲ, ବରିଷ୍ଠ ସମାଜସେବୀ ଉପେନ୍ଦ୍ରନାଥ ମହାନ୍ତି, ନାରୀ ନେତ୍ରୀ ବିଦ୍ୟୁତ୍‌ପ୍ରଭା ରାୟ, ଯାଜପୁର ଜିଲା ହିନ୍ଦୁ ସୁରକ୍ଷା ସେନାର ସଭାପତି ବସନ୍ତ କୁମାର ପାତ୍ର, ସ୍ଥାନୀୟ ସାଇ ସେବା ସଂସ୍ଥାର ବରିଷ୍ଠ କାର୍ଯ୍ୟକର୍ତ୍ତା ରାହାସ ବିହାରୀ ପଣ୍ଡିତ, ମାନବାଧିକାର କର୍ମୀ ଦୀପକ ରଞ୍ଜନ ପାଣିଗ୍ରାହୀ, ସନାତନ ମଲ୍ଲିକ, ଆଡଭୋକେଟ୍ ଦୀପକ ସେନଗୁପ୍ତା, ଗୋଲାପ ମଲ୍ଲିକ, ସୁବାସ ଜେନା, କୁନା ବିଶ୍ୱାଳ, ପ୍ରଶାନ୍ତ ମହାପାତ୍ର ଯୋଗଦେଇ ଚୋରା ଗୋ-ଚାଲାଣ ବନ୍ଦ କରିବାକୁ ଦାବି କରିବା ସହ ଘଟଣାରେ ଦୁଃଖ ପ୍ରକାଶ କରିଥିଲେ ।

## ୨ ବଖରା ଜଳିଗଲା

**ଚଣ୍ଡିଖୋଲ,୨୦।୨(ଡି.ଏନ.ଏ.)**

ବଡ଼ଚଣା ବ୍ଲକ୍ ସମିଆ ପଞ୍ଚାୟତ ଅଧୀନ ପୂର୍ଣ୍ଣଚନ୍ଦ୍ରପୁର ଗ୍ରାମରେ ଶୁକ୍ରବାର ରାତିରେ ଅଗ୍ନିକାଣ୍ଡ ଘଟି ମଧୁସୁଦନ ମହନ୍ତଙ୍କ ଦୁଇ ବଖରା ପୋଡ଼ିଯାଇଥିବା ବେଳେ ଆନନ୍ଦ ମହାନ୍ତଙ୍କ ଏକ ଛଣା ଗଦା ପୋଡ଼ିଯାଇଛି । ମଧୁସୁଦନଙ୍କ ଘରେ ଥିବା ସମସ୍ତ ଆସବା ପତ୍ର, ୧୫ବସ୍ତା ଧାନ, ୨କୁଇଣ୍ଟାଲ ଚାଉଳ, ଗୋଟିଏ ଟିଭି, ଆଲମିରା ଆଦି ନଷ୍ଟ ହୋଇଯାଇଛି । ଯାହାର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି । ଚଣ୍ଡିଖୋଲ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ମାତ୍ର ସେତେବେଳକୁ ସମସ୍ତ ଜିନିଷ ପୋଡ଼ି ପାଉଁଶ ହୋଇଯାଇଥିଲା । ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନାହିଁ ।

## ଆଦର୍ଶ ବିଦ୍ୟାଳୟ ନିର୍ମାଣ କରି ଦଖଲ

**ଯାଜପୁର ଅଫିସ,୨୦।୨**

**ଠିକାସଂସ୍ଥା ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରସ୍ତୁତି**

ଯାଜପୁର ଜିଲା ସୁକିନ୍ଦା ବ୍ଲକ ମାଧପୁର ଓଡିଶା ଆଦର୍ଶ ବିଦ୍ୟାଳୟ(ଓଏଭି) ମଡେଲ ସ୍କୁଲ ଗୃହ ନିର୍ମାଣ କରି ସମ୍ପୃକ୍ତ ଠିକାଦାର ତାଲା ମାରି ନିଜ ଅକ୍ତିଆରରେ ରଖିଛନ୍ତି । ସରକାରୀ ସମ୍ପତ୍ତିକୁ ଏଭଳି ଜବରଦଖଲ କରିବା ଏକ ଅପରାଧିକ କାର୍ଯ୍ୟ ବୋଲି ଯାଜପୁର ଗ୍ରାମ୍ୟ ନିର୍ମାଣ ଡିଭିଜନର ନିର୍ବାହୀ ଯନ୍ତ୍ରୀ ଅଭିହିତ କରି ଆଇନ ଅନୁସାରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରସ୍ତୁତି ଚଳାଇଛନ୍ତି । ଏହିମର୍ମରେ ନିର୍ବାହୀ ଯନ୍ତ୍ରୀ ୧୮।୨।୨୦୨୧ରେ ଯାଜପୁର ଜିଲାପାଳଙ୍କୁ ପତ୍ରମାଧ୍ୟମରେ ସୂଚିତ କରିବା ସହ ସଂପୃକ୍ତ ଠିକାସଂସ୍ଥାକୁ ଚେତାବନୀ ଦେଇଛନ୍ତି ।

## ହରିହାଟ ମହୋତ୍ସବ ଉଦ୍‌ଯାପିତ

**ରସୁଲପୁର,୨୦।୨(ଡି.ଏନ.ଏ.)**

ରସୁଲପୁର ବ୍ଲକ ଗନ୍ଧଣ ପଞ୍ଚାୟତ ଏକତଳା ବିଲି ଶାସନ ଗ୍ରାମରେ ୨ ଦିନ ଧରି ଚାଲିଥିବା ପାରମ୍ପରିକ ହରିହାଟ ମହୋତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି । ମେଳାରେ ଲକ୍ଷ୍ମୀଧର ମିଶ୍ର କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ । ପ୍ରଭୁ ରାଧାକୃଷ୍ଣଙ୍କ ନିକଟରେ ଷୋଡଶ ଉପଚାର ପୂଜା, ଗୋ-ପୂଜା, ସୂର୍ଯ୍ୟପୂଜା, ବାସ୍ତୁପୂଜା ଆଦି ବିଭିନ୍ନ ପୂଜା ବିଧି ସମ୍ପନ୍ନ କରାଯାଇଥିଲା । ଗୁରୁବାର ସକାଳେ ପାରମ୍ପରିକ ରୀତିନୀତି ସହ ପୂଜା କାର୍ଯ୍ୟ କରାଯିବା ପରେ ଭାଗବତ ପାରାୟଣ ଅନୁଷ୍ଠିତ ହୋଇଥିଲା । ପଣ୍ଡିତ ସଞ୍ଜୟ ପତିଶର୍ମା, ବିଦ୍ୟାଧର ପଣ୍ଡା, ରବୀନ୍ଦ୍ର କୁମାର ମିଶ୍ରଙ୍କ ସମେତ ୫ଜଣ ପଣ୍ଡିତ ଯଜ୍ଞ କାର୍ଯ୍ୟ ପରିଚାଳନା କରିଥିଲେ । ଗ୍ରାମ ମୁରବୀ ପ୍ରଭାକର ସାହୁ, ମାନସ ରଞ୍ଜନ ମିଶ୍ର, ସୁଦର୍ଶନ ମିଶ୍ର, ବିଶ୍ୱନାଥ ସାହୁ, ଉମେଶ ସାହୁ, ଶ୍ରୀଧର ସାହୁ, ସହଦେବ ସାହୁ, ଦୀପକ ସାହୁଙ୍କ ସମେତ ଗ୍ରାମବାସୀ ସହଯୋଗ କିରଥିଲେ । ପାଲାଗାୟିକା ସୋମାରାଣୀ ନାୟକଙ୍କ ଦ୍ୱାରା ପାଲାପରିବେଷଣ କରାଯାଇଥିଲା । ଇଚ୍ଛାପୁର ଲଉଡି ଖେଳାଳିମାନେ କ୍ରୀଡା ନୈପୁଣ୍ୟତା ପ୍ରଦର୍ଶନ କରିଥିଲେ ।


ହରିହାଟ ମହୋତ୍ସବ ଲାଗି ବାହାରିଥିବା କଳସ ଯାତ୍ରା ।

## ବିଲାତି ବାଇଗଣ ଫସଲରେ ପତ୍ରପୋଡ଼ା ରୋଗ

**ରସୁଲପୁର,୨୦।୨(ଡି.ଏନ.ଏ.)**

ଯାଜପୁର ଜିଲା ରସୁଲପୁର ବ୍ଲକ ଅଞ୍ଚଳରେ ହୋଇଥିବା ବିଲାତି ବାଇଗଣ ଫସଲରେ ଏବେ ପତ୍ରପୋଡ଼ା ରୋଗ ଲାଗିଛି । ଫଳନ୍ତି ଗଛରେ ରୋଗ ଲାଗିଥିବାରୁ ଚାଷୀ ଚିନ୍ତିତ ହୋଇ ପଡ଼ିଛନ୍ତି । ଏହି ସମୟରେ ରୋଗ ଲାଗିଲେ ଉତ୍ପାଦନ କମିଯିବା ସହ ଚାଷୀକୂଳ ଅତ୍ୟଧିକ କ୍ଷତି ସହିବାକୁ ପଡିବ ବୋଲି ଚାଷୀ ଶିଶିର ରାଉତ, ପ୍ରଫୁଲ୍ଲ ମଲିକ, ତପନ ମହାନ୍ତି, ଲାଲୁ ରାଉତ, ଅଭିରାମ ପରିଡା ଓ ସମୀର ରାଉତ ପ୍ରମୁଖ କହିଛନ୍ତି ।

ସେମାନଙ୍କ କହିବା ଅନୁସାରେ, ଗୋଟିଏ ଏକର ବିଲାତି ଚାଷ ପାଇଁ ଅତିକମ୍‌ରେ ୫ ହଜାର ଟଙ୍କା ମଞ୍ଜି କିଣିବା ସହ ଚାରା ପ୍ରସ୍ତୁତିରେ ବ୍ୟୟ କରିବାକୁ ହୁଏ । ଏହାଛଡା ସାର ପାଇଁ ୨୫ରୁ୩୦ହଜାର ଟଙ୍କା, କୀଟନାଶକ ସକାଶେ ୩୦ରୁ୩୫ ହଜାର, ମଜୁରି ବାବଦକୁ ୩୦ରୁ୩୫ ହଜାର ଟଙ୍କା(ଫସଲ ତୋଳିବା ପର୍ଯ୍ୟନ୍ତ), ଜଳସେଚନ ପାଇଁ ୫ରୁ୧୦ହଜାର ଓ ଫସଲ ପରିବହନ ବାବଦକୁ ୧୦ରୁ ୧୫ହଜାର ଟଙ୍କା ଖର୍ଚ୍ଚ ହୋଇଥାଏ ।


ରସୁଲପୁର ବ୍ଲକ ଅଞ୍ଚଳର ବିଲାତି ବାଇଗଣ ଫସଲ ।

- ଫଳ କମିଯିବା ସମ୍ଭାବନା, ଚିନ୍ତାରେ ଚାଷୀ
- କୃଷି ବୈଜ୍ଞାନିକଙ୍କ ପରାମର୍ଶ ନେବାକୁ ଅନୁରୋଧ

ଏହିଭଳି ୧ ଏକର ବିଲାତି ଚାଷ ପାଇଁ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ୧ ଲକ୍ଷରୁ ୧.୫ ଲକ୍ଷ ଟଙ୍କା ପର୍ଯନ୍ତ ଟଙ୍କା ଖର୍ଚ୍ଚ ହୁଏ । ତେବେ ଫସଲର ଅତି ଭଲ ଅମଳ ହେଲେ ଏକର କ୍ଷେତରୁ ୨୦ରୁ୨୫ଟନ ବିଲାତି ବାଇଗଣ ଉତ୍ପାଦନ ହୋଇପାରିବ । ଅମଳ ଅବଧି ମଧ୍ୟରେ ଦର ଅନ୍ୟୁନ ୧୦ ଟଙ୍କା ରହିଲେ ଚାଷୀ ଲାଭବାନ ହୋଇପାରିବେ । ଦର କମିଗଲେ ଚାଷୀଙ୍କୁ କ୍ଷତି ସହିବାକୁ ପଡିବ । ତେବେ ପତ୍ରପୋଡ଼ା ରୋଗ ଯୋଗୁ ଅମଳ କିମି ଯାଉଥିବାରୁ ଚାଷୀଙ୍କୁ କ୍ଷତି ସହିବା ଅନ୍ୟ ଏକ ଚିନ୍ତାର କାରଣ ସାଜିଛି ।

ଅନ୍ୟପକ୍ଷରେ ପତ୍ରପୋଡ଼ା ରୋଗ ଏକ ଫଙ୍ଗାଲ ସଂକ୍ରମଣଜନିତ ବୋଲି କୃଷି ବୈଜ୍ଞାନିକାମାନେ ମତ ରଖିଛନ୍ତି । ଉକ୍ତ ରୋଗ ଦାଉରୁ ରକ୍ଷା ପାଇବା ପାଇଁ କେତେକ କୀଟନାଶକ ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଛି । ଏଦିଗରେ ଚାଷୀକୂଳକୁ ଆଗୁଆ ସଚେତନ କରାଯାଇ ପାରିଲେ ଉକ୍ତ ରୋଗ ଦାଉରୁ ଚାଷୀକୂଳକୁ ରକ୍ଷା ମିଳିପାରନ୍ତା । ହେଲେ ଚାଷୀଙ୍କୁ ସଚେତନ କରିବାରେ କୃଷି ବିଭାଗ ବିଫଳ ହେଉଛି । ଅପରପକ୍ଷେ ଚାଷୀ ରୋଗ ସମ୍ପର୍କିତ ସମସ୍ୟାକୁ ନେଇ ବୈଷୟିକ ଅଧିକାରୀଙ୍କ ସହାୟତା ଲୋଡୁ ନାହାନ୍ତି । ଦୋକାନୀଙ୍କଠାରୁ କୀଟନାଶକ ଆଣି ବ୍ୟବହାର କରୁଥିବା ଦେଖାଯାଉଛି । ଏଭଳି ହେବା ଦ୍ୱାରା ରୋଗ ନିୟନ୍ତ୍ରଣ ହେଉନାହିଁ ବରଂ ଚାଷୀଙ୍କୁ ଖର୍ଚ୍ଚାନ୍ତ ହେବାକୁ ପଡୁଛି । ଭୁଲ କୀଟନାଶକ ବ୍ୟବହାର ଯୋଗୁ ଗଛର କ୍ଷତି ହେଉଛି ଓ ଉତ୍ପାଦନ କମିଯାଉଛି । ଏନେଇ ଯାଜପୁର ଜିଲା କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ଲଳିତ ମୋହନ ମହାନ୍ତି କହିଛନ୍ତି, ଚାଷୀ ବିହନ ବିଶୋଧନ କରୁ ନ ଥିବାରୁ ଏଭଳି ହେଉଛି । ତେବେ ଚାଷୀ ବିହନ ବିଶୋଧନ କରିବା ସହ ରୋଗ ଦେଖାଯିବା ମାତ୍ରକେ କୃଷି ବୈଜ୍ଞାନିକଙ୍କ ପରାମର୍ଶ ନେଇ କୀଟନାଶକ ବ୍ୟବହାର କରିବା ଉଚିତ ବୋଲି ସେ ମତ ରଖିଛନ୍ତି ।

